# NATIONAL NEWS BULLETIN (ODIA)

## 19 December - 2024

## Evening Bulletin : 7.15 p.m.

********************************

## ମୁଖ୍ୟ ସମ୍ବାଦ

- ବିରୋଧୀଙ୍କ ହଟ୍ଟଗୋଳ ଯୋଗୁଁ ସଂସଦର ଉଭୟ ସଦନର କାର୍ଯ୍ୟ ଆଜି ଦିନକ ପାଇଁ ବାଧାପ୍ରାପ୍ତ ।
- ରାଜ୍ୟସଭା ଅଧ୍ୟକ୍ଷ ଜଗଦୀପ ଧନଖଡ଼ଙ୍କ ବିରୋଧ ଆଗତ ଅନାସ୍ଥା ପ୍ରସ୍ତାବ ଖାରଜ ।
- ୬୦ ବର୍ଷରୁ ଅଧିକ ବରିଷ୍ଠ କଳାକାରଙ୍କ ପାଇଁ ଆର୍ଥିକ ସହାୟତା ଯୋଜନା ଆରମ୍ଭ କରିଛି ସଂସ୍କୃତି ମନ୍ତ୍ରଣାଳୟ ।
- ଆସନ୍ତାକାଲି ଠାରୁ ତିନି ଦିନିଆ ମରିସସ୍ ଗସ୍ତରେ ଯିବେ ବୈଦେଶିକ ସଚିବ ।

ଏବଂ

- ମୁମ୍ବାଇ ଟି-ଟ୍ୱେଣ୍ଟି ମହିଳା କ୍ରିକେଟ୍ ମ୍ୟାଚ୍‌ରେ ଟସ୍ ଜିତି ୱେଷ୍ଟଇଣ୍ଡିଜ୍ ଭାରତକୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଛି ।

# ପାର୍ଲାମେଣ୍ଟ ଆଡଜଣ୍ଡ

ଡକ୍ଟର ବି.ଆର୍. ଆମ୍ବେଦକରଙ୍କ ସମ୍ପର୍କିତ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ମନ୍ତବ୍ୟ ପ୍ରତିବାଦରେ ଆଜି ମଧ୍ୟ ସଂସଦର ଉଭୟ ସଦନର କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି । କ୍ରମାଗତ ଦ୍ୱିତୀୟ ଦିନ ପାଇଁ କୌଣସି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ଭବ ହୋଇପାରି ନାହିଁ । ପୂର୍ବାହ୍ଣରେ ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ଲୋକସଭାରେ ବିରୋଧୀ ଦଳଙ୍କ ହଟ୍ଟଗୋଳ ଯୋଗୁଁ ଗୃହ କାର୍ଯ୍ୟକୁ ଅପରାହ୍ଣ ୨ଟା ପର୍ଯ୍ୟନ୍ତ ମୁଲତବୀ ରଖାଯାଇଥିଲା । ରାଜ୍ୟସଭାରେ ମଧ୍ୟ ସେହିଭଳି ପରିସ୍ଥିତି ଦେଖିବାକୁ ମିଳିଥିଲା । ଅଧ୍ୟକ୍ଷ ଜଗଦୀପ ଧନଖଡ଼ ଗୃହରେ ଶୃଙ୍ଖଳା ରକ୍ଷା ପାଇଁ ସଦସ୍ୟଙ୍କୁ ଅନୁରୋଧ କରିଥିଲେ ମଧ୍ୟ କୌଣସି ସକାରାତ୍ମକ ପ୍ରତିକ୍ରିୟା ନ ମିଳିବାରୁ ଗୃହକୁ ଅପରାହ୍ଣ ୨ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ ।

ଅପରାହ୍ଣ ୨ଟାରେ ଲୋକସଭା ପୁନର୍ବାର ଆରମ୍ଭ ହେବା କ୍ଷଣି କଂଗ୍ରେସ, ଡି.ଏମ୍.କେ., ସମାଜବାଦୀ ପାର୍ଟି ସମେତ ବିରୋଧୀ ସଦସ୍ୟମାନେ ଗୃହର ମଧ୍ୟଭାଗରେ ପହଞ୍ଚି ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ ମନ୍ତବ୍ୟ ବିରୋଧରେ ସ୍ଲୋଗାନ୍‌ମାନ ଦେଇଥିଲେ । ବାଚସ୍ପତି ଓମ୍ ବିର୍ଲା ଗୃହକୁ ଦିନକ ପାଇଁ ମୁଲତବୀ ଘୋଷଣା କରିଥିଲେ ।

ରାଜ୍ୟସଭାରେ ମଧ୍ୟ ଅନୁରୂପ ଆଚରଣ ଯୋଗୁଁ ଅପରାହ୍ଣ ୨ଟାରୁ ଗୃହ କାର୍ଯ୍ୟ ପୁନଃ ଆରମ୍ଭ ସମ୍ଭବ ହୋଇପାରି ନ ଥିଲା । ଅପରାହ୍ଣ ୨ଟାରେ ଗୃହ କାର୍ଯ୍ୟ ଆରମ୍ଭ ହେବା କ୍ଷଣି ସଂସଦ ଭବନ ପରିସରରେ ବିକ୍ଷୋଭ ପ୍ରଦର୍ଶନ ବେଳେ ଦୁଇ ଜଣ ବିଜେପି ସାଂସଦ ଆହତ ହେବା ଘଟଣା ନେଇ ରାଜ୍ୟସଭାରେ ବିତର୍କ ଆରମ୍ଭ ହୋଇଥିଲା । ବିଜେପି ସାଂସଦ ପାଙ୍ଗନନ୍ କୋନୟାକ ଅଭିଯୋଗ କରିଥିଲେ, ବିକ୍ଷୋଭ ସମୟରେ ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ତାଙ୍କୁ ଅସଦା ଆଚରଣ କରିଥିଲେ । ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ବିଜେପିର ଦୁଇ ସାଂସଦଙ୍କ ଆହତ ଘଟଣାରେ ରାହୁଲ ଗାନ୍ଧି ଏବଂ କଂଗ୍ରେସ ଦଳକୁ କ୍ଷମାପ୍ରାର୍ଥନା କରିବାକୁ ଦାବି କରିଥିଲେ । ଗୃହରେ ବିଜେପି ଦଳର ନେତା ଜେ.ପି. ନଡ୍ଡା ମଧ୍ୟ ଏହି ପ୍ରସଙ୍ଗରେ କଂଗ୍ରେସ ଦଳକୁ ନିନ୍ଦା କରିଥିଲେ ।

ଅନ୍ୟ ପକ୍ଷରେ ବିରୋଧୀ ଦଳ ପକ୍ଷରୁ ମଧ୍ୟ ଶାସକ ଦଳର ସଦସ୍ୟଙ୍କ ବିରୋଧରେ ରାହୁଲ ଗାନ୍ଧିଙ୍କୁ ଧକ୍କା ଦିଆଯାଇଥିବା ନେଇ ଅଭିଯୋଗ କରାଯାଇଥିଲା । ଅଧ୍ୟକ୍ଷ ଶ୍ରୀ ଧନଖଡ଼ ଘଟଣାର ସମୀକ୍ଷା କରୁଛନ୍ତି ବୋଲି ଗୃହକୁ ସୂଚନା ଦେଇଥିଲେ । ତେବେ ବିରୋଧୀଙ୍କ ପକ୍ଷରୁ ହଟ୍ଟଗୋଳ ଜାରି ରହିବା ଯୋଗୁଁ ଶ୍ରୀ ଧନଖଡ଼ ଗୃହକୁ ଦିନକ ପାଇଁ ମୁଲତବୀ ଘୋଷଣା କରିଥିଲେ ।

# ବିଜେପି-କଂଗ୍ରେସ କମ୍ପ୍ଲେନ୍

ସଂସଦ ଭବନରେ ବିକ୍ଷୋଭ ପ୍ରଦର୍ଶନ ବେଳେ ଦଳର ଦୁଇ ଜଣ ସାଂସଦଙ୍କ ଆହତ ହେବା ଘଟଣାରେ ବିଜେପି ପକ୍ଷରୁ କଂଗ୍ରେସ ନେତା ରାହୁଲ ଗାନ୍ଧିଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି । ବରିଷ୍ଠ ବିଜେପି ନେତା ଅନୁରାଗ ଠାକୁର ଗଣମାଧ୍ୟମକୁ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ଘଟଣା ନେଇ ମାମଲାରେ ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରାଯାଇଛି । ଏନ୍.ଡି.ଏ. ସଂସଦ ସଦସ୍ୟମାନେ ଶାନ୍ତିପୂର୍ଣ୍ଣ ଭାବେ ବିକ୍ଷୋଭ ପ୍ରଦର୍ଶନ କରୁଥିବା ସମୟରେ ସୁରକ୍ଷା କର୍ମୀ ଶ୍ରୀ ଗାନ୍ଧି ଏବଂ ଅନ୍ୟ ବିରୋଧୀ ସଦସ୍ୟଙ୍କୁ ସଂସଦରେ ପ୍ରବେଶ ପାଇଁ ଏକ ନିର୍ଦ୍ଦିଷ୍ଟ ମାର୍ଗ ଆପଣେଇବାକୁ ଅନୁରୋଧ କରିଥିଲେ । ତେବେ  ଶ୍ରୀ ଗାନ୍ଧି ତାଙ୍କର କ୍ରୋଧ ପ୍ରକାଶ କରିବା ସହ ସୁରକ୍ଷା କର୍ମୀଙ୍କ ଅନୁରୋଧକୁ  ଗ୍ରହଣ କରିନଥିଲେ ବୋଲି ଶ୍ରୀ ଠାକୁର ଉଲ୍ଲେଖ କରିଛନ୍ତି । ଅନ୍ୟ ପକ୍ଷରେ କଂଗ୍ରେସ ସଂସଦ ସଦସ୍ୟଙ୍କ ଏକ ପ୍ରତିନିଧି ମଣ୍ଡଳୀ ମଧ୍ୟ ବିଜେପି ବିରୋଧରେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଦଳର ବରିଷ୍ଠ ନେତା ଦିଗ୍‌ବିଜୟ ସିଂହ ଗଣମାଧ୍ୟମକୁ କହିଛନ୍ତି, କଂଗ୍ରେସ ଦଳ ପକ୍ଷରୁ ବି.ଆର୍. ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରୁ ସଂସଦର ମକର ଦ୍ୱାର ପର୍ଯ୍ୟନ୍ତ ପ୍ରତିବାଦ ଶୋଭାଯାତ୍ରା କରିବାକୁ ସ୍ଥିର ହୋଇଥିଲା । କିନ୍ତୁ ବିଜେପି ସଦସ୍ୟମାନେ ମକର ଦ୍ୱାରରେ ଏକାଠି ହୋଇ ହଟ୍ଟଗୋଳ କରିଥିଲେ । ଏହି ଘଟଣାରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ ପଡ଼ି ଯାଇଥିଲେ

ଏବଂ ତାଙ୍କର ଉଭୟ ଆଣ୍ଠୁରେ ଆଘାତ ଲାଗିଥିଲା ବୋଲି ସେ ଅଭିଯୋଗ କରିଛନ୍ତି ।

## ଆର୍‌ଏସ୍‌-କନ୍‌ଫିଡେନ୍ସ ମୋସନ

ରାଜ୍ୟସଭା ଅଧ୍ୟକ୍ଷ ଜଗଦୀପ ଧନଖଡ଼ଙ୍କ ବିରୋଧରେ ଆଗତ ଅନାସ୍ଥା ପ୍ରସ୍ତାବକୁ ଉପାଧ୍ୟକ୍ଷ ହରିବଂଶ ଖାରଜ କରି ଦେଇଛନ୍ତି । ଜଣେ ଦଳୀୟ କର୍ମୀ ଭାବେ କାର୍ଯ୍ୟ କରୁଥିବା ଅଭିଯୋଗ ନେଇ ବିରୋଧୀ ଦଳ ପକ୍ଷରୁ ଶ୍ରୀ ଧନଖଡ଼ଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ କରାଯାଇଥିଲା । ଶ୍ରୀ ହରିବଂଶ ଏହାକୁ ପ୍ରତ୍ୟାଖ୍ୟାନ କରିବା ସହ ସାମ୍ବିଧାନିକ ଅନୁଷ୍ଠାନକୁ କ୍ଷତି ପହଞ୍ଚାଇବା ଏଭଳି ପ୍ରସ୍ତାବର ଉଦ୍ଦେଶ୍ୟ ବୋଲି ସେ କହିଛନ୍ତି ।

ସୂଚନା ଯୋଗ୍ୟ, ଗତ ୧୦ ତାରିଖରେ ଉପରାଷ୍ଟ୍ରପତି ଶ୍ରୀ ଧନଖଡ଼ଙ୍କୁ ତାଙ୍କ ପଦରୁ ହଟାଇବା ପାଇଁ ୬୦ ଜଣ ବିରୋଧୀ ସଦସ୍ୟ ଏ ସଂକ୍ରାନ୍ତ ନୋଟିସ୍‌ରେ ସ୍ୱାକ୍ଷର କରିଥିଲେ ।

## ଆର୍‌ଏସ୍‌-ଆର୍ଟିଷ୍ଟ୍‌

୬୦ ବର୍ଷରୁ ଅଧିକ ବରିଷ୍ଠ କଳାକାରଙ୍କ ପାଇଁ ସଂସ୍କୃତି ମନ୍ତ୍ରଣାଳୟ ଏକ ଆର୍ଥିକ ସହାୟତା ଯୋଜନା ଆରମ୍ଭ କରିଛି । ରାଜ୍ୟସଭାରେ ଆଜି ଏ ସଂକ୍ରାନ୍ତ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ସଂସ୍କୃତି ଏବଂ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ୍‌ କହିଛନ୍ତି, ବାର୍ଷିକ ୭୨ ହଜାର ଟଙ୍କା ପର୍ଯ୍ୟନ୍ତ ଆୟ କରୁଥିବା ୬୦ ବର୍ଷରୁ ଅଧିକ କଳାକାରଙ୍କୁ ଏହି ଯୋଜନାରେ ସାମିଲ କରାଯିବ । ସେମାନଙ୍କୁ ପ୍ରତି ମାସରେ ୬ ହଜାର ଟଙ୍କା ପର୍ଯ୍ୟନ୍ତ ସହାୟତାରାଶି ପ୍ରଦାନ କରଯିବାକୁ ନିଷ୍ପତ୍ତି ନିଆଯାଇଛି । କଳାକାରଙ୍କ ମୃତ୍ୟୁ ପରେ ତାଙ୍କ ପତ୍ନୀଙ୍କୁ ମଧ୍ୟ ଏହି ସହାୟତା ରାଶି ପ୍ରଦାନ କରାଯିବ । ସଂସ୍କୃତି ମନ୍ତ୍ରଣାଳୟ ଅଧୀନରେ ଥିବା ବିଭିନ୍ନ ଅନୁଷ୍ଠାନ ଏବଂ ଅନ୍ୟ ଅଂଶିଦାର ସାଂସ୍କୃତିକ ଅନୁଷ୍ଠାନ ଗୁଡ଼ିକୁ ଏଥିପାଇଁ ପ୍ରୋତ୍ସାହନ ପ୍ରଦାନ କରିବା ଲକ୍ଷ୍ୟ ରଖାଯାଇଛି ବୋଲି ସେ ସୂଚନା ଦେଇଛନ୍ତି ।

## ଫରେନ୍‌ ସେକ୍ରେଟେରୀ ମରିସସ୍‌

ବୈଦେଶିକ ସଚିବ ବିକ୍ରମ ମିଶ୍ରି ଆସନ୍ତାକାଲି ଠାରୁ ତିନି ଦିନିଆ ମରିସସ୍‌ ଗସ୍ତରେ ଯିବେ । ମରିସସ୍‌ରେ ପ୍ରଧାନମନ୍ତ୍ରୀ ନବୀନ ଚନ୍ଦ୍ର ରାମଗୁଲାମଙ୍କ ନେତୃତ୍ୱରେ ନୂତନ ସରକାର ଗଠନ ପରେ ଏହା ହେଉଛି ଦୁଇ ଦେଶ ମଧ୍ୟରେ ପ୍ରଥମ ଉଚ୍ଚସ୍ତରୀୟ ଅଧିକାରୀଙ୍କ ଗସ୍ତ । ବିଭିନ୍ନ

ଦ୍ୱିପାକ୍ଷିକ ପ୍ରସଙ୍ଗ ନେଇ ଆଲୋଚନା ପାଇଁ ଶ୍ରୀ ମିଶ୍ରି ମରିସସ୍ ଗସ୍ତରେ ଯାଉଛନ୍ତି । ଦୁଇ ଦେଶ ମଧ୍ୟରେ ନିୟମିତ ଉଚ୍ଚସ୍ତରୀୟ କଥାବାର୍ତ୍ତାରୁ ଏହା ହେଉଛି ଏକ କ୍ରମାଗତ ଧାରା । ଭିଜନ ସାଗର, ଆଫ୍ରିକ ପ୍ରମୁଖ ନୀତି ଏବଂ ଦକ୍ଷିଣ ବିଶ୍ୱ ପ୍ରତି ପ୍ରତିବଦ୍ଧତା ଆଧାରରେ ମରିସସ୍ ସହିତ ସମ୍ପର୍କକୁ ଭାରତ ଦେଉଥିବା ପ୍ରାଥମିତାର ଏହା ପ୍ରତିଫଳନ । ଦୁଇ ଦେଶ ମଧ୍ୟରେ ବହୁ ପୁରାତନ, ସାଂସ୍କୃତିକ, ପରମ୍ପରା ଏବଂ ବିଭିନ୍ନ କ୍ଷେତ୍ରରେ ଦୃଢ଼ ସମ୍ପର୍କ ରହି ଆସିଛି । ଶ୍ରୀ ମିଶ୍ରିଙ୍କର ଏହି ଗସ୍ତ ଦ୍ୱିପାକ୍ଷିକ ସମ୍ପର୍କକୁ ଅଧିକ ସୁଦୃଢ଼ କରିବ ବୋଲି ଆଶା କରାଯାଉଛି ।

## ଏଲ୍ଏସ୍-ଏୟାର୍ ଫେୟାର୍

ଭାରତରେ ବୀମାନ ଭଡ଼ା ବିଶ୍ୱର ଅଧିକାଂଶ ଦେଶ ତୁଳନାରେ କମ୍ ରହିଛି ବୋଲି ବେସାମରିକ ବିମାନ ଚଳାଚଳ ରାଷ୍ଟ୍ର ମନ୍ତ୍ରୀ ମୁରଲୀଧର ମାହୋଲ କହିଛନ୍ତି । ଲୋକସଭାରେ ଆଜି ଏ ସଂକ୍ରାନ୍ତ ତଥ୍ୟ ଉପସ୍ଥାପନ କରି ମନ୍ତ୍ରୀ ଶ୍ରୀ ମାହୋଲ କହିଛନ୍ତି, ବିଶ୍ୱସ୍ତର ତୁଳନାରେ ଭାରତରେ ଭାରତୀୟ ବିମାନ କମ୍ପାନୀଙ୍କ ଦ୍ୱାରା କିଲୋମିଟର ପିଛା ବିମାନ ଭଡ଼ା କମ୍ ରହିଛି । ୨୦୨୩ ତୁଳନାରେ ଚଳିତ ବର୍ଷ ବିମାନ ଭଡ଼ା ହ୍ରାସ ପାଇଛି ବୋଲି ସେ ସୂଚନା ଦେଇଛନ୍ତି । ବିମାନ ଭଡ଼ା ନିର୍ଦ୍ଧାରଣ ସମୟରେ

ଯାତ୍ରୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖିବା ଲାଗି ବିମାନ ସେବା ପ୍ରଦାନକାରୀ କମ୍ପାନୀ ଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଶ୍ରୀ ମାହୋଲ କହିଛନ୍ତି ।

## ଅନୁପ୍ରିୟା-ମେଡିକାଲ୍

ଦେଶରେ ଚିକିତ୍ସା ଉପକରଣ ନିର୍ମାଣ ଏକ ଉଦ୍ଦୀୟମାନ କ୍ଷେତ୍ର ଭାବେ ଉଭା ହୋଇଛି ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଅନୁପ୍ରିୟା ପଟେଲ କହିଛନ୍ତି । ସ୍ୱାସ୍ଥ୍ୟ ସେବା ଆବଶ୍ୟକତା, ବୈଷୟିକ ଉଦ୍ଭାବନ, ସରକାରୀ ସହାୟତା ଏବଂ ବଜାର ସୁଯୋଗ ଦ୍ୱାରା ଏ କ୍ଷେତ୍ରରେ ବିପୁଳ ସମ୍ଭାବନା ରହିଛି ବୋଲି ସେ ସୂଚନା ଦେଇଛନ୍ତି । ନୂଆଦିଲ୍ଲୀ ଠାରେ ଅନୁଷ୍ଠିତ ବିକଶିତ ଭାରତ ପାଇଁ ପରିବର୍ତ୍ତିତ ସ୍ୱାସ୍ଥ୍ୟ ସେବା କ୍ଷେତ୍ର ୨୦୪୭ ଶୀର୍ଷକ ସ୍ୱାସ୍ଥ୍ୟ ଶିଖର ସମ୍ମିଳନୀକୁ ସମ୍ବୋଧନ କରି ମନ୍ତ୍ରୀ କହିଛନ୍ତି, ଭାରତ ଏବେ ଏସିଆର ଚତୁର୍ଥ ବୃହତମ ଚିକିତ୍ସା ଉପକରଣ ବଜାର ହୋଇଛି । ଏ କ୍ଷେତ୍ରରେ ରପ୍ତାନୀ ବୃଦ୍ଧି ପାଇଁ ସରକାର ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁଛନ୍ତି । ସେ କହିଛନ୍ତି, ଭାରତୀୟ ଚିକିତ୍ସା ଉପକରଣ କ୍ଷେତ୍ରର ପରିସୀମା ପ୍ରାୟ ୧୪ ବିଲିୟନ୍ ଡଲାର୍ ହେବ ଏବଂ ଆସନ୍ତା ୨୦୩୦ ସୁଦ୍ଧା ଏହା ୩୦ ବିଲିୟନ୍ ଡଲାର୍‌କୁ ବୃଦ୍ଧି ପାଇବ ବୋଲି ଲକ୍ଷ୍ୟ ରକ୍ଷା କରାଯାଇଛି ।

# ପାଟିଲ୍ ପ୍ରେସ୍ କନ୍‌ଫରେନ୍ସ

ଗ୍ରାମାଞ୍ଚଳରେ ବସବାସ କରୁଥିବା ପରିବାରଙ୍କ ପାଇଁ ଶତପ୍ରତିଶତ ପାଇପ୍ ଯୋଗେ ଜଳ ଯୋଗାଣ ସୁନିଶ୍ଚିତ କରିବା ପାଇଁ ରାଜ୍ୟ ଗୁଡ଼ିକ ସହ ମିଶି କେନ୍ଦ୍ର ସରକାର କାର୍ଯ୍ୟ କରୁଛନ୍ତି ବୋଲି ଜଳଶକ୍ତି ମନ୍ତ୍ରୀ ସି.ଆର୍. ପାଟିଲ୍ କହିଛନ୍ତି । ନୂଆଦିଲ୍ଲୀ ଠାରେ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ପାଟିଲ୍ କହିଛନ୍ତି, ଦେଶରେ ଏବେ ମଧ୍ୟ ୪ କୋଟି ପରିବାର ପାଇପ୍ ଯୋଗେ ଜଳ ଯୋଗାଣରୁ ବଞ୍ଚିତ ଅଛନ୍ତି ।  ସେମାନଙ୍କୁ ଏହି ସୁବିଧା ପ୍ରଦାନ କରିବା ପାଇଁ ଜଳଶକ୍ତି ମନ୍ତ୍ରଣାଳୟ ପକ୍ଷରୁ ସମ୍ପୃକ୍ତ ରାଜ୍ୟ ଗୁଡ଼ିକ ସହ ଆଲୋଚନା କରାଯାଇଛି । ଜଳଜୀବନ ମିଶନ୍ ସମ୍ପର୍କରେ ଉଲ୍ଲେଖ କରି ମନ୍ତ୍ରୀ ଶ୍ରୀ ପାଲଟି କହିଛନ୍ତି, ଏହା ଗ୍ରାମିଣ ରୋଜଗାରକୁ ପ୍ରୋତ୍ସାହନ ପ୍ରଦାନ କରିଛି । ଯୁବବର୍ଗ ଏବଂ ମହିଳା ଏଥିରେ ସବୁଠାରୁ ଅଧିକ ଉପକୃତ ହୋଇପାରିଛନ୍ତି ବୋଲି ସେ କହିଛନ୍ତି । ଏହି ମିଶନ୍‌ରେ ସାମିଲ ହୋଇପାରି ନ ଥିବା ପରିବାର ଗୁଡ଼ିକୁ ଅନ୍ତର୍ଭୁକ୍ତ କରିବା ପାଇଁ ଏହାର ସମୟସୀମାକୁ ପୁନଃ ନବୀରକରଣ କରିବାକୁ ସରକାର ବିଚାର କରୁଛନ୍ତି ବୋଲି ସେ ସୂଚନା ଦେଇଛନ୍ତି ।

# ଆଇସିସି-ଭରଡିଟ୍

ଆନ୍ତର୍ଜାତିକ କ୍ରିକେଟ୍ କଣ୍ଟ୍ରୋଲ୍ ବୋର୍ଡ୍ ଆଇ.ସି.ସି. ଆସନ୍ତା ୨୦୨୭ ପର୍ଯ୍ୟନ୍ତ ଭାରତ ଓ ପାକିସ୍ତାନ ମଧ୍ୟରେ ହେବାକୁ ଥିବା କ୍ରିକେଟ୍ ମ୍ୟାଚ୍‌କୁ ନିରପେକ୍ଷ ସ୍ଥାନରେ କରିବା ପାଇଁ ନିଷ୍ପତ୍ତି ନେଇଛି । ଏଥିସହ ଫେବୃୟାରୀ ଏବଂ ମାର୍ଚ୍ଚ ମାସରେ ପାକିସ୍ତାନରେ ଖେଳାଯିବାକୁ ଥିବା ଚାମ୍ପିୟନ୍ସ ଟ୍ରଫିର ଭବିଷ୍ୟତ ନେଇ ସୃଷ୍ଟି ହୋଇଥିବା ଅନିଶ୍ଚିତତାର ଅନ୍ତ ଘଟିଛି । ଆଇ.ସି.ସି.ର ଏହି ନିଷ୍ପତ୍ତି ଭାରତ ଦ୍ୱାରା ଆୟୋଜିତ ହେବାକୁ ଥିବା ଆଗାମୀ ମହିଳା କ୍ରିକେଟ୍ ବିଶ୍ୱକପ୍ ୨୦୨୫ ଏବଂ ଭାରତ ଓ ଶ୍ରୀଲଙ୍କାର ମିଳିତ ସହଯୋଗରେ ଅନୁଷ୍ଠିତ ହେବାକୁ ଥିବା ୨୦୨୬ ପୁରୁଷ ଟି-ଟ୍ୱେଣ୍ଟି କ୍ରିକେଟ୍ ପ୍ରତିଯୋଗିତା ପାଇଁ ମଧ୍ୟ ଲାଗୁ ହେବ ।

# ମହିଳା କ୍ରିକେଟ୍

ଭାରତ ଓ ୱେଷ୍ଟଇଣ୍ଡିଜ୍ ମହିଳା କ୍ରିକେଟ୍ ସିରିଜ୍‌ର ତୃତୀୟ ଆନ୍ତର୍ଜାତିକ ଟି-ଟ୍ୱେଣ୍ଟି ମ୍ୟାଚ୍ ନାଭି ମୁମ୍ବାଇ ସ୍ଥିତ ଡି.ୱାଇ. ପାଟିଲ୍ କ୍ରୀଡ଼ା ଏକାଡେମୀରେ ଚାଲିଛି । ସମ୍ବାଦ ପ୍ରସ୍ତୁତ ହେବା ବେଳକୁ ଭାରତ ୧ ଓଭରରେ ୧ ୱିକେଟ୍ ହରାଇ ୧ ରନ୍ ସଂଗ୍ରହ କରିଛି । ୱେଷ୍ଟଇଣ୍ଡିଜ୍ ଟସ୍ ଜିତି ଭାରତକୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲା ।

ପ୍ରଥମ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ୍ ଓ ଦ୍ୱିତୀୟ ମ୍ୟାଚ୍‌ରେ ଭାରତ ଜିତିବା ଫଳରେ ବର୍ତ୍ତମାନ ସୁଦ୍ଧା ଏହି ସିରିଜ୍ ୧-୧ରେ ବରାବର ରହିଛି ।